# ତହସିଲ କାର୍ଯ୍ୟାଳୟ, କୁତ୍ରା

ବିଜ୍ଞପନ ପତ୍ର ସଂଖ୍ୟା. 3203 ତା. 17/12/20

**ଲଘୁ ଖଣିଜ ଦ୍ରବ୍ୟ ନିମନ୍ତେ ବିଜ୍ଞାପନ**

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ କୁତ୍ରା, ତହସିଲ ଅଧିନରେ ଥିବା ପାଞ୍ଚଟି ସୈରାତ ଉତ୍ସ (ସାରଣୀ-1 ରେ ଦର୍ଶିତ) ଆଗାମୀ 5 (ପାଞ୍ଚ) ବର୍ଷ ପାଇଁ ଦୀର୍ଘମିୟାଦି ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ସୈରାତ ଉତ୍ସର ଲିଜ୍ ସମ୍ବନ୍ଧିୟ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website – http://sundergarh.nic.in ରେ ଉପଲବ୍ଧ ହେବ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ସଂପୃକ୍ତ ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରି ପାରିବେ ।

17/12/20

ତହସିଲଦାର, କୁତ୍ରା

Tahasildar

# ତହସିଲଦାରଙ୍କ କାର୍ଯ୍ୟାଳୟ, କୁତ୍ରା

**ଲଘୁ ଖଣିଜ ଲିଜ ନିଲାମ ଇସ୍ତାହାର / MINOR MINERALS AUCTION TENDER NOTICE**

ବିଜ୍ଞପ୍ତି ସଂଖ୍ୟା 3205 ତାରିଖ 17/12/20

(ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହତି (ସଂଶୋଧନ) ଆଇନ – 2016 ଅନୁଯାୟୀ)

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଜୟ ପ୍ରଶମନ ବିଭାଗ ଅଧିନସ୍ଥ କୁତ୍ରା ତହସିଲ ଅନ୍ତର୍ଗତ ନିମ୍ନସାରଣୀରେ ଉଲ୍ଲେଖିତଲଘୁ ଖଣିଜ ଖାଦାନ ଗୁଡିକର ଆସନ୍ତା (ପାଞ୍ଚ) ବର୍ଷ (2020-21 ରୁ 2024-25) ନିମନ୍ତେ ତହସିଲଦାର କୁତ୍ରା ଦ୍ୱାରା ନିଲାମ କରାଯିବ ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 ର ଫାରମ – ତ (Form-M) ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉ ମେଦଦିଆ ଲଫାପା ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ ରେ ତା 18/01/2021 ରିଖ ଦିବା 12:30 ଖଟିକା ସୁଧା ଗ୍ରହଣ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଉକ୍ତ ଦିନ ଅପରାହ୍ନ ଦିବା 02:15 ଘଟିକା ସମୟରେ ଉକ୍ତ ଟେଣ୍ଡର ବାକ୍ସ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ, ଲିଜ ଦରଖାସ୍ତକାରି ଓ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯାଇ ଚୂଡାନ୍ତ କରାଯିବ ଏବଂ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ପ୍ରଥମ ତାରିଖ ରେ ଲିଜ ସ୍ଥିରିକୃତ ନ ହୋଇପାରିଲେ ଦ୍ଵତୀୟ ଥର ପାଇଁ ତା. 21/01/2021 ରିଖ ପାଇଁ ଓ ଦ୍ଵିତୀୟ ଥର ପାଇଁ ଲିଜ ସ୍ଥିରିକୃତ ହୋଇ ନ ପାରିଲେ ତୃତୀୟ ଥର ପାଇଁ ତା. 27/01/2021 ରିଖରେ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ମତେ ଦରଖାସ୍ତ ଗ୍ରହଣ କରାଯିବ । ସେ ଗୁଡ଼ିକ ଅପରାହ୍ନ 02:15 ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ, ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ଉପସ୍ଥିତ ରହି ପାରନ୍ତି । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବନାହିଁ । ଏହି ବିଜ୍ଞାପନ ସଂମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ଼ ଜିଲ୍ଲା Website – http:/sundargarh.nic.in ରେ ଉପଲବ୍ଧ ଅଟେ ।

**ଦରଖାସ୍ତ ସହିତ ନିମ୍ନଲିଖିତ କାଗଜାତ ଦେବା ବିଧେୟ -**

a. ଦରଖାସ୍ତ କାରୀ ତିନିକିତା ତରଖାସ୍ତ Form "M" ଦାଖଲ କରିବେ ।

b. ଦରଖାସ୍ତ ଫି. ଟ. 1000.00 ( ଏକ ହଜାର ) (Non refundable) ର ଟ୍ରେଜିରି ଚାଲାଣ in Head of account- 0853-Non-Forrous mining & Metallurgical industries 102- Mineral concession fee, Rents and Royalties-0217- Receipts under Odisha Minor Mineral concession Rule-02021- Collection of fees, Rent and Royalty. ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

c. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସମ୍ପୁର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ, ରକବା ଏବଂ କିସମ ର ସଠିକ ତଥ୍ୟ ଲେଖିବା ବିଧେୟ ।

d. ଆବେଦନକାରୀଙ୍କ ଦ୍ୱାରା କୌଣସି ମାଇନିଙ୍ଗ ବାବଦକୁ ଓଡ଼ିଶା ସରକାରଙ୍କର ଠାରେ କୌଣସି ଦେୟ ବକେୟା ନଥିବା ତଥା ସେ Mines & Minerals (Development and Regulation) Act. 1957 ଅନ୍ତର୍ଭୁକ୍ତ କୌଣସି ମୋକଦ୍ଦମାରେ ଦୋଷୀ ସାବସ୍ତ ହୋଇ ନଥିବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

e. ଦରଖାସ୍ତକାରୀ ଙ୍କ ସ୍ଥାବର ସମ୍ପତ୍ତିର ବିବରଣୀ ତଥା ସେହି ସମ୍ପତ୍ତି ସମ୍ବନ୍ଧୀୟ Solvency Certificate (କେବଳ Revenue Authority ଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବ) / (Bank Guarantee) ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ (Minimum Guaranteed Quantity) x (Royalty + Additional charge Offered) ଠାରୁ ଅଧିକ ହୋଇଥିବା ଆବଶ୍ୟକ ।

f. ସାରଣୀ-1 ରେ ଦର୍ଶିତ ସ୍ତମ୍ଭ-12 ରେ ଲିଖିତ EMD ମୂଲ୍ୟର BANK DRAFT Tahasildar, Kutra & payable at SBI Kutra ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫର୍ମ ସହିତ ସଂଲଗ୍ନ କରିବେ । EMD i.e.5% of {(Minimum Guaranteed Quantity) x (Royalty + Additional charges)} । ଯୋଗ୍ୟ ବେବେଚିତ ହୋଇପାରିନଥିବା ନିଲାମଧାରିଙ୍କ EMD ଟଙ୍କା ଉକ୍ତ ଉତ୍ସର ବନ୍ଦୋବସ୍ତ ସ୍ଥିରିକୃତ ହେଲା ପରେ ଓ ବ୍ୟକ୍ତିବିଶେଷଙ୍କ ଠାରୁ ଦରଖାସ୍ତ ପାଇଲା ପରେ ଫେରସ୍ତ କରାଯିବ ।

g. ଅନ୍ୟ ବିବରଣୀ ଯଥା ଜ୍ଞାନ ଦକ୍ଷତା ଆର୍ଥିକ ସ୍ଥିତି ଯନ୍ତ୍ରପାତି ଇତ୍ୟାଦିର ବିବରଣୀ ଦାଖଲ କରିବେ ।

ଦରଖାସ୍ତ ଫର୍ମ ସହିତ, ଦରଖାସ୍ତକାରୀ ଉପରୋକ୍ତ କାଗଜାତ୍ ଗୁଡ଼ିକ ଦାଖଲ ନଦେଲେ ତାଙ୍କ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

# ଲଘୁ ଖଣିଜାତ ସୈରାତ ଉତ୍ସର ବିବରଣୀ

ସାରଣୀ-1

| କ୍ରମିକ ସଂ. | ସୈରାତ ଉତ୍ସର ନାମ | ସୈରାତ ଉତ୍ସର ବିସ୍ତୃତ ବିବରଣୀ | | | | | ଖଣିଜ ପଦାର୍ଥର ନାମ | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘ.ମି.ରେ) (ଟଙ୍କାରେ) | ସର୍ବନିମ୍ନ ଅତିରିକ୍ତ ମୂଲ୍ୟ (ଘ.ମି.ରେ) (ଟଙ୍କାରେ) | ପ୍ରତିବର୍ଷ ଉଠାଣ ହେବାକୁ ଥିବା ସର୍ବନିମ୍ନ ପରିମାଣ | ବଇନା ରାଶି (Earnest Money) (ଟଙ୍କାରେ) |
|---|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ରକାବା (ଏକରରେ) | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ତରକେରା ବାଲୁକା ସଜ୍ୟା-1 | ତରକେରା | 154, 155 | 528/p, 528/1304/p | ଜଳ ଭଣ୍ଡାର, ନଦୀ | 9.10, 2.14 | ବାଲି | 35/- | 55/- | 11500 | 51750 |
| 2 | ତରକେରା ବାଲୁକା ସଜ୍ୟା-2 | ତରକେରା | 154 | 931/1309/p | ଜଳ ଭଣ୍ଡାର | 6.80 | ବାଲି | 35/- | 55/- | 10000 | 45000 |
| 3 | ସମଲେଇମୁଣ୍ଡା ବାଲୁକା ସଜ୍ୟା-1 | ସମଲେଇମୁଣ୍ଡା | 158 | 706/2156/p | ଜଳ ଭଣ୍ଡାର | 6.30 | ବାଲି | 35/- | 50/- | 8000 | 36000 |
| 4 | ଉଦୁର୍ମା ବାଲୁକା ସଜ୍ୟା-1 | ଉଦୁର୍ମା | 144 | 1/p | ନଦୀ | 12.05 | ବାଲି | **35/-** | 55/- | 10000 | 45000 |
| 5 | ଲକ୍ଷ୍ମୀପେଷ ବାଲୁକା ସଜ୍ୟା-1 | ଲକ୍ଷ୍ମୀପୋଷ | 85 | 683/1289/p | ଜଳ ଭଣ୍ଡାର | 5.16 | ବାଲି | 35/- | 50/- | 6000 | 27000 |

# ସର୍ତ୍ତାବଳୀ

1. ଆବେଦନକାରୀ ମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 (Odisha Minor Minaral concession Rule 2016) ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ (ସଂଶୋଧନ) 2017 {(Odisha Minor Minaral concession (Amendment) Rule 2016)} ର ପରିସର ଭୁକ୍ତ ରହିବେ ।
2. ଆବେଦନ କାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମିତ୍ତ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ । ଲିଜଧାରୀ ରାସ୍ତାଘାଟ ଏବଂ ଗମନାଗମନ ସୁବିଧା ପାଇଁ ନିଜେ ଦାୟୀ ରହିବେ । ଲିଜ ନେବା ପରେ ସୈରାତ ଚଳେଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ତଥାପି କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
3. OMMC Rules, 2016 ଅନୁଯାୟୀ ବାଲି ଉତ୍ସ ପାଇଁ ବାଲିର Royalty ପ୍ରତି ଘନ ମିଟର ପିଛା 35 ଟଙ୍କା ଧାର୍ଯ୍ୟ ହୋଇଅଛି । ଏହା ଅପରିବର୍ତ୍ତିତ । ମାତ୍ର ଯୋଗ୍ୟ ଦରଖାସ୍ତକାରୀଙ୍କୁ ସାରଣୀ-1 ର ସ୍ତମ୍ଭ – 10 ରେ ଲିଖିତ ନିର୍ଦ୍ଦିଷ୍ଟ ଉତ୍ସ ଅନୁଯାୟୀ Additional Charge ର ମୂଲ୍ୟ ବା ତଦୁର୍ଦ୍ଧ quote କରିବାକୁ ପଡିବ । OMMC Rule-2016 ର ନିୟମ 27(5) ଅନୁଯାୟୀ କୌଣସି ପରିସ୍ଥିତିରେ Additional Charge ର ମୂଲ୍ୟରୁ କମ୍ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ । ଯଦି ଏକାଧିକ ଦରଖାସ୍ତକାରୀ ସର୍ବୋଚ୍ଚ ସମ ପରିମାଣର Additional Charge ଦାଖଲ ଦେଇଥାନ୍ତି ତାହେଲେ ଏହା ଲଟେରୀ ମାଧ୍ୟମରେ ଚୟନ କରାଯିବ । ଯୋଗ୍ୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ସାତ ଦିନ ମଧ୍ୟରେ Form – F ମାଧ୍ୟମରେ ଏ ବିଷୟରେ ଜଣାଇଦିଆଯିବ । ଏବଂ ତାଙ୍କର ସହମତି 15 ଦିନ ମଧ୍ୟରେ ତହସିଲଦାରଙ୍କୁ ଲିଖିତ ଆକାରରେ ଜଣାଇବେ ।
4. ଉତ୍ସ ପରିଚାଳନା ପୂର୍ବରୁ ଯୋଗ୍ୟ ବିବେଚିତ ଲିଜଧାରୀ ଉପଯୁକ୍ତ ପଦାଧିକାରୀଙ୍କ ଠାରୁ Mining Plan ପ୍ରସ୍ତୁତ ଓ Environmental Clearance ପ୍ରସ୍ତୁତ ଖର୍ଚ୍ଚ ପଇଠ କରିବାକୁ ହେବ । ଏହା ବ୍ୟତୀତ ଓଡ଼ିଶା ରାଜ୍ୟ ପ୍ରଦୂଷଣ ଶାଖା, ରାଉରକେଲା ଙ୍କ ଠାରୁ CTE (Consent to Establish)/ CTO (Consent to Operate) ର ଆଦେଶ ମଧ୍ୟ ଉତ୍ସର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟରେ ଦାଖଲ ଦେବାକୁ ହେବ ।
5. ଏଥିସହ Royalty or Dead Rent (ଯାହା ଅଧିକ), Surface Rent, Fees for compensatory afforestation / fees for Environment Management Fund (EMF) {5% of (Royalty + Additional charge (} fees for District Minerals Foundation (DMF) {10% of (Royalty + Additional charges)} ଏବଂ TCS {2% of (Royalty + Additional charges)} ବାବଦକୁ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ହେବ ଏବଂ ଉପରୋକ୍ତ ଦେୟ ଦାଖଲ କରିବା ପରେ ତିନି ସପ୍ତାହ ମଧ୍ୟରେ

Indian Registration Act & Stamp Act. ଅନୁସାରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିବେ । ଏଥିରେ ଅବହେଳା ହେଲେ ଚୟନ କରାଯାଇଥିବା ବ୍ୟକ୍ତିଙ୍କୁ ଆଗ୍ରାହ୍ୟ କରାଯିବ ।

6. ଜଦି ଲିଜଧାରୀଙ୍କ ରୟାଲଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହେଲେ ତାଙ୍କ ଉତ୍ତରାଧିକାରୀ କିମ୍ବା କ୍ଷମତା ପାପ୍ତ ଆଧିକାରୀ ଉକ୍ତ ଉତ୍ସଟିକୁ ଲିଜ୍ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପୈଠ କରି ପରିଚାଳନା କରି ପାରିବେ ।
7. ଯଦି ଯୋଗ୍ୟ ସର୍ବୋଚ୍ଚ ନିଲାମଧାରି ଠିକ୍ ସମୟରେ ସରକାରୀ ଦେୟ ପୈଠ ନକରନ୍ତି ବା ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବୋଚ୍ଚ ଯୋଗ୍ୟ ପ୍ରାର୍ଥୀଙ୍କୁ ସୈରାତ ଉତ୍ସ ପରିଚାଳନା ପାଇଁ ଆବଶ୍ୟକୀୟ ସରକାରୀ ଦେୟ ପୈଠ ପାଇଁ ଆହ୍ୱାନ କରାଯିବ ଏବଂ ସମସ୍ତ ସରକାରୀ ଦେୟ ପୈଠ ପରେ ଓ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଚୁକ୍ତି ପରେ ସୈରାତ ଉତ୍ସ ପରିଚାଳନା ପାଇଁ ତାଙ୍କୁ ସୁଯୋଗ ଦିଆଯିବ ।
8. ହିସାବ ଅନୁଯାଇ ରୟାଲଟି ଏବଂ Additional Charge ର 5% Odisha Environmental Management Fund Trust, Bhubaneswar ବାବଦକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ Demand Draft ଆକାରରେ ଦାଖଲ କରିବେ ।
9. ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟିର ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗ ରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ପାଇଁ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ।
10. ଲିଜ ଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟ ର 2% ଆୟକର (TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ ବହନ କରିବେ ।
11. ଲିଜ ପରେ ସୈରାତ ଚଲାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
12. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।
13. ଲଘୁ ଖଣିଜ ପଦାର୍ଥ Royalty, Surface Rent & Dead Rent ନିମ୍ନ ମତେ ଧାର୍ଯ୍ୟ ହୋଇଅଛି । ଏବଂ ଯୋଗ୍ୟ ନିଲାମଧାରୀଙ୍କୁ ପ୍ରତ୍ୟେକ ବର୍ଷର Minimum Guaranteed Quantity ଉପରେ ଆବଶ୍ୟକୀୟ ସରକାରୀ ଦେୟ ପଇଠ କରିବାକୁ ପଡିବ ।
    a. Sand (per cubic meter) Rs. 35.00 (Royalty)
    b. Surface Rent Rs. 360.00 (ପ୍ରତିବର୍ଷ)
    c. Dead Rent Rs. 10500.00 (for sand) (ପ୍ରତିବର୍ଷ) ପ୍ରତି ହେକ୍ଟର
14. ଯଦି ଅବଧି ମଧ୍ୟରେ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି, ତାହେଲେ EMD ଓ Security Deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତି କରାଯିବ ଏବଂ ଆବଶ୍ୟକ ସ୍ଥଳେ ବକେୟା ସରକାରୀ ଦେଇ OPDR Case ମାଧାମରେ ଆଦାୟ କରାଯିବ ।
15. ସରକାରୀ ଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକିୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତ କାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ ।
16. ଲିଜ ରେ ସମସ୍ତ ସର୍ତ୍ତାବଳି ପାଳନ କରୁଥିବା ଏବଂ ସର୍ବାଧିକ ପ୍ରତି ଘନ ମିଟର ପାଇଁ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନ କାରୀଙ୍କୁ ଲିଜ ଦିଆଯିବା ନିମନ୍ତେ ନିଲାମ ର ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ । ଲିଜ ଧାରୀଙ୍କୁ ଜଣାଇବାର ପନ୍ଦର ଦିନ ମଧ୍ୟରେ ସେ ନିଜର ସ୍ୱିକୃତି ପ୍ରାଦାନ ସହ ନିଜେ ଦାଖଲ କରିଥିବା ନିଲାମ ଡ଼ାକ ଅନୁଯାୟୀ ରୟାଲଟି ଅତିରିକ୍ତ ଦେୟ ଜିଲ୍ଲା ଖଣିଜ ଫାଉଣ୍ଡେସନ (District Mineral Foundation) ଓ ପରିବେଶ ପରିଚାଳନା ଅର୍ଥ (Environment Management Fund) ନିମନ୍ତେ ଧାର୍ଯ୍ୟ ଅଂଶଦାନ ଡେଡ୍ ରେଣ୍ଟ /ସରଫେସ ରେଣ୍ଟ ପାଇଁ ଦବାକୁ ଥିବା ଆର୍ଥିକ ଦେୟ ହିସାବ କରାଯିବ ଓ ଏହି ସମସ୍ତ ଦେୟର 25% ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଅବଶିଷ୍ଟ ଅର୍ଥ ଜମା କରିବେ । ଏହି ଜମା କରୁଥିବା ଅର୍ଥ ସହ ପୁର୍ବରୁ ଦାଖଲ ହୋଇଥିବା ବଇନା ରାଶି (Earnest Money) କୁ ଏକତ୍ର କରି ଅମାନତ ରାଶି (Security Deposit) ଭାବରେ ରଖାଯିବ । ଦରଖାସ୍ତ କାରୀ ନିଲାମ ଧାରୀ ରୟାଲଟି ସହିତ ଅଫର କରିଥିବା ଘନ ମିଟର ପ୍ରତି ଅତିରିକ୍ତ ଦେୟ ଓ ଅନ୍ୟାନ୍ୟ ସରକାରୀ ଦେୟ ଯେପରିକି ଡେଡ୍ ରେଣ୍ଟ /ସରଫେସ ରେଣ୍ଟ /ଜିଲ୍ଲା ଖଣିଜ ଫାଉଣ୍ଡେସନ ଓ ପରିବେଶ ପରିଚାଳନା ରାଶି କୁ ଅଂଶଦାନ ଆୟକର (TCS) ଇତ୍ୟାଦି ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016 ଅନୁଯାୟୀ ଯଥା ସମୟରେ ପଇଠ କରିବେ ।
17. ସର୍ବୋଚ୍ଚ ନିଲାମ ଧାରୀ ଲଘୁ ଖଣିଜ ରିହାତି ନିୟମ 2016 ର ଧରା 28 (3) ଅନୁଯାୟୀ ନିଜ ଖର୍ଚ୍ଚରେ ସ୍ୱିକୃତି ପ୍ରାପ୍ତ ଯୋଗ୍ୟ ବ୍ୟକ୍ତି (RQP) ଙ୍କ ଠାରୁ ମାଇନିଂ ପ୍ଲାନ ପ୍ରସ୍ତୁତ କରିବା ସହ ପ୍ରାଧିକୃତ ଅଧିକାରୀଙ୍କ (Authorized Officer) ଠାରୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାର ମଞ୍ଜୁର କାରାଇ ଦାଖଲ କରିବେ ।

18. ସମ୍ପୃକ୍ତ ନିଲାମ ଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତ ଓ ମଞ୍ଜୁର କରାଇବା ପରେ ରାଜ୍ୟ ପରିବେଶ ସଂଘାତ ନିର୍ଧାରଣ ପ୍ରାଧିକୃତ ସଂସ୍ଥା (SEIAA)/ ଜିଲ୍ଲା ପରିବେଶ ସଂଘାତ ନିର୍ଧାରଣ ପ୍ରାଧିକୃତ ସଂସ୍ଥା (DEIAA) ଙ୍କ ଠାରୁ ନିୟମ ଅନୁଯାୟୀ ନିଜ ଖର୍ଚ୍ଚ ରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁର ଆଣି ଦାଖଲ କରିବେ ନଚେତ ଅମାନତ ରାଶି ରଦ୍ଦ କରାଯିବ ।

19. ସର୍ବୋଚ୍ଚ ନିଲାମ ଧାରୀ ଖଣି ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରି (Consent to operate) ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (Orissa State Pollution Control Board) ଙ୍କ ଠାରୁ ନିଜ ଖର୍ଚ୍ଚ ରେ ପ୍ରାପ୍ତ କରିବେ ।

20. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟର ପରିମାଣ ଓ ଖାଦାନ ର ଧାର୍ଯ୍ୟ ରକବା ଅନୁଯାୟୀ ଧାର୍ଯ୍ୟ ରୟାଲଟି ଅତିରିକ୍ତ ଦେୟ (Additional Charge) ଡେଡ୍ ରେଣ୍ଟ /ସରଫେସ ରେଣ୍ଟ /ଜିଲ୍ଲା ଖଣିଜ ଫାଉଣ୍ଡେସନ (District Mineral Foundation) ଓ ପରିବେଶ ପରିଚାଳନା ରାଶିକୁ ଧାର୍ଯ୍ୟ ଅଂଶଦାନ ନିୟମ ଅନୁଯାୟୀ ଚୁକ୍ତି ପତ୍ର (Lease Deed) ପ୍ରସ୍ତୁତି ପୂର୍ବରୁ ଜମା କରିବେ ଓ ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁଆରୀ ମାସ ପନ୍ଦର ତାରିଖ ପୂର୍ବରୁ ଜମା କରିବା ହେବେ ।

21. ସର୍ବୋଚ୍ଚ ନିଲାମ ଧାରୀ ଯାହା ସପକ୍ଷରେ ନିଲାମ ହୋଇ ଅଛି ସେ ସମସ୍ତ ଦେୟ ଜମା କରିବା ପରେ ଓ ସେ ସମସ୍ତ ନିଲାମ (Clearance) ଆଣିବା ପରେ ଫାରମ ଢ (Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚ ରେ ଏହାକୁ ରେଜିଷ୍ଟ୍ରେସନ କରିବେ ।

22. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

23. ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ ମାଇନିଙ୍ଗ ପ୍ଲାନ ଓ ଅନ୍ୟାନ୍ୟ କାଗଜାତ ପତ୍ର ଅତ୍ର କାର୍ଯ୍ୟାଳୟର ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସ ରେ ଦେଖି ପାରିବେ । ଏହି ଇସ୍ତାହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ (www.sundargarh.nic.co.in) ରେ ମଧ୍ୟ ଦେଖିପାରିବେ ।

24. ଦରଖାସ୍ତ କାରୀ Mines Act. 1952 ଓ Explosive Act. 1884 ର ସମସ୍ତ ନିୟମାବଳୀ ଅନ୍ତର୍ଭୁକ୍ତ ରହିବେ ।

25. ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ଲିଜଧାରୀ ମାନେ ଅନୁପାତିକ ଭାବେ ବହନ କରିବେ ।

26. Revise Assessment Report, Mining Plan ଏବଂ Environmental Clearance ବାବଦକୁ ଖର୍ଚ୍ଚ ଲିଜଧାରୀ ମାନେ ନିଜେ ବହନ କରିବେ ।

27. ଉପରୋକ୍ତ ସମୟ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟଦେଶ ଓ Transit Pass (Form Y) ର ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

28. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ଜ୍ଞାପକ ସଂଖ୍ୟା ...3204....... ତା ...17/12/20

ଏହାର ଏକକିତା ନକଲ ଓ ଫାରମ-ତ (Form-M) ର କପି ସହ ତହସିଲଦାର କୁତ୍ରା / କୁତ୍ରା ତହସିଲ ପରିଷରଭୁକ୍ତ ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ / ଜିଲ୍ଲାପାଳ ସୁନ୍ଦରଗଡ଼ / ଅତିରକ୍ତ ଜିଲ୍ଲାପାଳ ସୁନ୍ଦରଗଡ଼ / ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୁନ୍ଦରଗଡ଼ / ଉପ-ଜିଲ୍ଲାପାଳ ସୁନ୍ଦରଗଡ଼ / ନିର୍ବାହୀ ଯନ୍ତ୍ରୀ ରାସ୍ତା ଏବଂ ଗୃହ ନିର୍ମାଣ ସୁନ୍ଦରଗଡ଼ / ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ / ସଂପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକକିତା ଲେଖାଏଁ ନକଲ ସଂପୃକ୍ତ ମୌଜାରେ ସର୍ବସାଧାରଣଙ୍କ ର ଅବଗତି ପାଇଁ ଜାରି ନିମନ୍ତେ ପ୍ରେରଣା କରାଗଲା ।

Sd/- 17/12/20

ତହସିଲଦାର, କୁତ୍ରା

Tahasildar

ଜ୍ଞାପକ ସଂଖ୍ୟା ...3205....... ତା ...17/12/20

ଏହାର ଏକକିତା ନକଲ ଓ ଫାରମ-ତ (Form-M) ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ସୁନ୍ଦରଗଡ଼ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଯିବା ସହ ତାଙ୍କୁ ଅନୁରୋଧ କରାଯାଉଅଛିକି ଏହି ବିଜ୍ଞପ୍ତିକୁ ସେ ଜିଲ୍ଲା ୱେବସାଇଟ ରେ (www.sundargarh.nic.in) ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜାରି କରିବେ ।

Sd/- 17/12/20

ତହସିଲଦାର, କୁତ୍ରା

Tahasildar

# Form – M

## Application for grant of Quarry lease

(See rule 27 (4))

To,

Dated __________ the ____________2020

Sir,

1. I/We submit an application for a quarry lease for _________ (mineral) for a term of _________ years over ________ hectares of land in the area specified in the Annexure given below.

2. A sum of Rs. _________ (Rupees ___________________________________) only payable a fee (Non-refundable) for grant of such lease under sub-rule (4) of rule-27 of the Odisha Minor Mineral concession Rules, 2016 has been paid in the Government Treasury at _____________ and a receipted challan bearing No. _________ dated ____________ is enclosed.

3. The required particulars are given below:-
   i. An affidavit stating that no mining due payable under the Act. And Rule made there under is outstanding against the applicant.
   ii. Where land belongs to private persons, consent of all such persons for grant of quarry lease.
   iii. Solvency certificate and list of immovable property for the Revenue Authority.

4.

i. Name and address of the applicant________________________________

ii. Nationality of the applicant________________________________

iii. Profession of the applicant________________________________

iv. Particulars of the areas, mineral wise, within the State for which the applicant of any person having join interest with him________________________

a) Already holds a quarry lease____________________________

b) Has already applied for a quarry lease but not granted__________

c) Being applied for simultaneously_______________________

d) Nature of joint interest, if any__________________________

v. Means by which the minor mineral is/her to be raised, i.e. whether manual or mechanical________________________________________

vi. Manner in which the minor mineral raised to be utilized.

a) For Manufacture________________________________

b) For sale________________________________________

c) Any other purpose_______________________________

vii. Details of the plan boundary description an land schedule of the are applied for to be enclosed.

viii. Has the applicant any previous experience in quarrying/mining? If yes, details should be given________________________________________

ix. Financial Resources of the applicant.

a)

b)

x. Total investment in the operation anticipated______________________

xi. Any other particulars which the applicant wishes to furnish:

a) Name of the village/forest block

b) Whether the are belongs to Schedule Are

c) Details of the are applied for in each survey Number

d) Full description of the area applied for with regards to nature features

e) District_______________

5. Rate of additional charge (per cubic meter) quoted:

N.B: The application shall be summarily rejected in the rate of additional charge quoted is less than the rat of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan etc., as may be required by you.

Place _____________ Yours faithfully

Date_____________

Signature of the applicant

N.B: If the applicant is signed by an authorized agent of the applicant, the power of attorney should at attached.